

ଯା କୁନ୍ଦେନ୍ଦୁ ତୁଷାରହାରଧବଳା...

## ପ୍ରାରମ୍ଭିକ ପ୍ରଶ୍ନାବଳୀ

୧) ତୁମ ବିଦ୍ୟାଳୟ ରେ କେଉଁ କେଉଁ ପର୍ବ ପାଳନ କରାଯାଏ?

୨) କାହିଁକି ସରସ୍ୱତୀଙ୍କ ପୂଜା ହୁଏ ?

୩) ତୁମେ ସରସ୍ୱତୀ କିଛି ସ୍ତୋତ୍ର ବା ବନ୍ଦନା ଜାଣିଛ କି?

୪) ଆଜି ଆମେ ତାଙ୍କର ଏକ ସ୍ତୋତ୍ର ଶିଖିବା।

**ସ୍ତୋତ୍ରର ଉଚ୍ଚାରଣ ଶିକ୍ଷା**

ଗୁରୁ ପ୍ରଥମେ ସୁ ସ୍ୱରରେ ସ୍ତୋତ୍ର ଟି ଗାଇବେ।

ଯା କୁନ୍ଦେନ୍ଦୁ ତୁଷାରହାରଧବଳା ଯା ଶୁଭ୍ରବସ୍ତ୍ରାବୃତା
ଯା ବୀଣା ବରଦଣ୍ଡ ମଣ୍ଡିତା କରା ଯା ଶ୍ୱେତ ପଦ୍ମାସନା
ଯା ବ୍ରହ୍ମାଚ୍ୟୁତଶଙ୍କର ପ୍ରଭୃତିଭିର୍ଦ୍ଦେବୈଃ ସଦା ବନ୍ଦିତା
ସା ମାଂ ପାତୁ ସରସ୍ୱତୀ ଭଗବତୀ ନିଃଶେଷ ଜାଡ୍ୟାପହା ।

## ସ୍ତୋତ୍ର ର ଅର୍ଥ ବ୍ୟାଖ୍ୟା

କୁନ୍ଦେନ୍ଦୁ - କୁନ୍ଦ + ଇନ୍ଦୁ

କୁନ୍ଦ - ଫୁଲ, , ଇନ୍ଦୁ – ଚନ୍ଦ୍ର

ତୁଷାରହାରଧବଳା - ବରଫ ପରି ଧଳା ରଙ୍ଗର ହାର

ଶୁଭ୍ର – ଧଳା

ବସ୍ତ୍ରାବୃତା - ପୋଷାକ ପରିଧାନ

ଶ୍ୱେତ ପଦ୍ମାସନା - ଧଳା ରଙ୍ଗର ପଦ୍ମ ବିଭୂଷଣ

ବ୍ରହ୍ମା ଅଚ୍ୟୁତ ଶଙ୍କର - ବ୍ରହ୍ମା, ବିଷ୍ଣୁ ,ଶିବ

ବନ୍ଦିତା – ବନ୍ଦନା

ଜାଡ୍ୟାପହା - ଜଡତା କୁ ଦୂର କରନ୍ତୁ

ଯେଉଁ ଦେବୀ ଚନ୍ଦ୍ର ଓ ତୁଷାର ପରି ଧଳା, ଯିଏ ଧଳା ରଙ୍ଗର ବସ୍ତ୍ର ପରିଧାନ କରନ୍ତି, ଶ୍ୱେତ ପଦ୍ମ ଉପରେ  ବିଭୂଷିତ, ଯାହାଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ଦେବଗଣ ଆରାଧନା କରିଥାନ୍ତି, ସେହି ଭଗବତୀ, ସରସ୍ୱତୀ ମୋତେ ରକ୍ଷା କରନ୍ତୁ ତଥା ମୋ ହୃଦୟରୁ ସବୁ ଜଡତା ହରଣ କରନ୍ତୁ।



ଏହାପରେ  ଗୁରୁ ପିଲାମାନଙ୍କୁ ମାଆ ସରସ୍ୱତୀଙ୍କ ଏକ ଫଟୋ ଦେଖେଇବେ ଏବଂ ପିଲାଙ୍କୁ ପ୍ରଶ୍ନ  ପଚାରିବେ ଯଥା  ସରସ୍ୱତୀଙ୍କ ରଙ୍ଗ,ବସ୍ତ୍ର, ଆୟୁଧ, ବହନ ଇତ୍ୟାଦି।

ସରସ୍ୱତୀ ଙ୍କୁ ବେଦ ର ଅଧିଷ୍ଠାତ୍ରୀ ଦେବୀ କୁହାଯାଏ । ସରସ୍ୱତୀ ସର୍ବଦା    ଧଳା ରଙ୍ଗର ବସ୍ତ୍ର ପରିଧାନ କରନ୍ତି, ଧଳା ରଙ୍ଗର ପଦ୍ମ ଉପରେ ବସନ୍ତି, ଧଳା ହଂସ ତାଙ୍କର ବାହନ ଅଟେ। ଏହି ଧଳା ରଙ୍ଗ ସତ୍ତ୍ୱ ଗୁଣର ବା  ସୁଧତା ତଥା ସତ୍ୟ, ଜ୍ଞାନ, ବୁଦ୍ଧି କୁ ଅନ୍ତର ମଧ୍ୟରେ ରଖିବାର ଶିକ୍ଷା ଦେଇଥାଏ। ତାଙ୍କର ଚାରିଟି ହାତ ତାଙ୍କ ସ୍ୱାମୀ ବ୍ରହ୍ମାଙ୍କ ଚାରିଟି ମୁଣ୍ଡର ସାଙ୍କେତିକ ଦର୍ପଣ ଅଟେ। ଏହା ମାନସ, ବୁଦ୍ଧି, ଚିତ ଏବଂ ଅହଙ୍କାର ଆଦି ପ୍ରତି ଚେତନାଶୀଳ  ରହିବା ଶିକ୍ଷା ଦିଏ।

# ଦେବୀ ସରସ୍ୱତୀ ଚାରିଟି ହାତ ରେ ମାଳା, ବୀଣା, ଜଳ ପାତ୍ର ଏବଂ ପୁସ୍ତକ ଧାରଣ କରିଥାନ୍ତି ।



ପୁସ୍ତକ - ବେଦ ( ଯାହା ଦିବ୍ୟ ଗ୍ୟାନର ସଙ୍କେତ),



ମାଳା - କ୍ରିଷ୍ଟାଲ୍ ( ଧ୍ୟାନ ଶକ୍ତି ଓ ଆଧ୍ୟାତ୍ମିକ ଶକ୍ତି ର ସଙ୍କେତ)



ଜଳପାତ୍ର - ନିର୍ମଳତା ଶିକ୍ଷା ଦିଏ|

ବୀଣା - କଳାଓବିଜ୍ଞାନରସଙ୍କେତ

ବୀଣା - କଳା ଓ ବିଜ୍ଞାନ ର ସଙ୍କେତ



ହଂସ - ପାଣି ମିଶା କ୍ଷୀର ରୁ କେବଳ କ୍ଷୀର ହିଁ ପାନ କରେ। ତେଣୁ ଏହା କେଉଁଟି ଭଲ କେଉଁଟି ଖରାପ ତାହା ଶୁଚେଇ ଦିଏ।



# ଗଳ୍ପ କଥନ

ଏକ ଗର୍ବୀ , ଅହଙ୍କାରୀ ରାଜ କନ୍ୟା ନିଜ ଜ୍ଞାନ ବୁଦ୍ଧି ବଳରେ ବହୁ ଜ୍ଞାନୀ ଗୁଣୀ ଙ୍କୁ ହରେଇଦେଲେ I ସିଏ ତାଙ୍କଠୁ ଅଧିକ ବୁଦ୍ଧିମାନ ବ୍ୟକ୍ତି କୁ ବିବାହ କରିବାକୁ ଚାହୁଁଥିଲେ I ଯେଉଁ ଜ୍ଞାନୀ ଲୋକମାନେ ହରିଗଲେ ସେମାନେ ରାଣୀ ଙ୍କ ଠାରୁ ପ୍ରତିଶୋଧ  ନେବାପାଇଁ ଏକ ମୂର୍ଖ ଲୋକ ଖୋଜୁଥିଲେ I ସେମାନେ ଦେଖିଲେ ଗୋଟେ ଲୋକ ଯେଉଁ ଡାଳରେ ବସିଛି ସେହି ଡାଳକୁ କାଟୁଚି I



। ସେମାନେ ତାକୁ ମୂର୍ଖ ମାନି ରାଜକୁମାରୀ ସହ କୌଶଳ ରେ କାଳିଦାସ ନାମ ଦେଇ ବାହା କରିଦେଲେ ।  ଯେତେବେଳ ରାଜକୁମାରୀ ପ୍ରକୃତ କଥା ଜାଣିଲେ ସିଏ ତାଙ୍କୁ ଅପମାନ ଦେଇ କଢ଼ିଦେଲେ । କାଳିଦାସ ଏହି ଅପମାନ ସହି ନପାରି ଆତ୍ମହତ୍ୟା  କରିବାକୁ ବାହାରିଲେ , ସେତେବେଳେ ମାଆ ସରସ୍ୱତୀ ପ୍ରକଟ ହୋଇ ସମସ୍ତ କଥା ତାଙ୍କଠୁ ଜାଣିଲେ । ସରସ୍ୱତୀ କାଳିଦାସଙ୍କୁ ନଦୀରେ ସ୍ନାନ କରି ଆସିବାକୁ କହିଲେ ଏବଂ କାଳିଦାସ ସ୍ନାନ ସାରି ଆସିଲା ପରେ ତାଙ୍କୁ ଦିବ୍ୟ ଗ୍ୟାନ ପ୍ରଦାନ କଲେ । ସେହି ଦିନଠାରୁ ସିଏ ଜଣେ ବିଜ୍ଞ କବି ହୋଇପାରିଲେ ।ବିକ୍ରମାଦିତ୍ୟଙ୍କ ସଭାରେ ନବରତ୍ନ ମାନଙ୍କ ମଧ୍ୟରୁ କାଳିଦାସ ଅନ୍ୟତମ।



# ଆସ ଖେଳିବା ଖେଳ

ସରସ୍ୱତୀଙ୍କ ଫଟୋକୁ ଭାଗ ଭାଗ କରି ପିଲାଙ୍କୁ ସଜାଡିବାକୁ କହିବା ।



# ଆସ ସିଖ୍‌ବା ମା ସରସ୍ବତୀଙ୍କ ଏକ ବନ୍ଦନା ।

# ଦିବ୍ୟ ସନ୍ଦେଶ



ସରସ୍ୱତୀ ହେଉଛନ୍ତି ବାକ୍ ଦେବୀ। ନିଜ ଜୀବନକୁ ପବିତ୍ର କରିବା ପାଇଁ ମନୁଷ୍ୟ କୁ ସରସ୍ୱତୀଙ୍କ କୃପା ଅର୍ଜନ କରିବାକୁ ହେବ। ସେ ପ୍ରତ୍ୟେକଙ୍କ ଭିତରେ ବିଦ୍ୟମାନ।

## ସ୍ତୋତ୍ରର ଆବୃତ୍ତି ଓ ପୁନରାବୃତ୍ତି

## ମୂଲ୍ୟବୋଧଭିତ୍ତିକ ପ୍ରଶ୍ନ -

- ହାତରେ ଧରି ମାଳା, କରନ୍ତି ଅନେକ ଲୀଳା, ଧଳା ରଙ୍ଗଟି ଅଟଇ ପ୍ରିୟ, କହିଲ ଦେଖି ନାଆଟି ତାଙ୍କର?

- କ୍ଷୀର ଜଳ ମଧ୍ୟରୁ, ଜଳକୁ କରଇ ଅଲଗା, କ୍ଷୀର କୁ କେବଳ ପାନ କରିଥାଏ, କହଟି ସେ କିଏ?  କାହାର ଅଟଇ ବାହନ ସିଏ?

# ରୂପଧ୍ୟାନ



ପିଲାମାନେ ବର୍ତ୍ତମାନ ଆମେ ମା ସରସ୍ୱତୀଙ୍କ ସ୍ତୋତ୍ର ଟି ଶିଖ୍ଲେ ଏବଂ ମାଆଙ୍କ ମହିମା ବିଷୟ ରେ ମଧ୍ୟ ଜାଣିଲେ। ତେବେ ଆଜିଠୁ ତୁମେ ସମସ୍ତେ ଏହି ସ୍ତୋତ୍ରଟିକୁ ସବୁଦିନ ଗାନ କରିବ ।

ସାଇରାମ

